# BOARD OF SECONDARY EDUCATION, ODISHA

BAJRAKABATI ROAD, KATAKA – 753001

## CORRESPONDENCE COURSE
## APPLICATION FORM FOR ADMISSION INTO ANNUAL/ SUPPLEMENTARY HIGH SCHOOL CERTIFICATE EXAMINATION, 20____

**Category of Candidate**

| *Regular* | *Ex-Regular* |
|---|---|
| | |

**For Office Use Only**

| *Dist. Code* | *Location* | *Block/ULB* | *Centre Code* |
|---|---|---|---|
| | | | |

**(A)** **The application shall be filled up by the candidate in his/her own handwriting.**

**(B)** **Incomplete or wrongly filled in forms shall be summarily rejected.**

| | | |
|---|---|---|
| 01. Name of the Zonal Office | | 02. Enrolment Number (UIN) (In Capital Letters) |
| 03. Name of the Applicant (In Capital Letters) | Name Surname | 04. Gender (Male/Female/Other) |
| 05. Mother's Name (In Capital Letters) | | 06. Roll Number (To be assigned by the Board) |
| 07. Father's Name (In Capital Letters) | | |

| | | | | | | | | | | | |
|---|---|---|---|---|---|---|---|---|---|---|---|
| 08. DATE OF BIRTH | (IN FIGURE) | | | - | | | - | | | | |
| | (IN WORDS) | | | | | | | | | | |

| | | |
|---|---|---|
| 09. CASTE (SC/ST/GEN/Others) | | 10. Nationality |
| 11. Script for Answering Non-Language papers | 12. MOTHER TOUNGE | 13. APPEARING CODE |
| | | |

| | | | |
|---|---|---|---|
| 14. Address for Correspondence : AT :- | | POST:- | Two attested photographs be stappled here |
| VIA:- | DIST:- | PIN:- | |
| 15. Permanent Address : AT :- | | POST:- | |
| VIA:- | DIST:- | PIN:- | |

| 16. Subject of Examination (Subject Codes to be mentioned) | FL | SL | TL | MTH | GSC | SSC |
|---|---|---|---|---|---|---|
| | | | | | | |

| | |
|---|---|
| 17. Previous Roll No. with Year | |
| 18. FEES PAID FOR : Rs.________________ | Receipt No./ pay-in-slip (SBI) No.__________ Date__________ is enclosed. |

**DECLARATION GIVEN BY THE CANDIDATE**

I declare that the particulars furnished in this application form are true, I do hereby undertake to abide by the rules and regulations framed by the Board and accept any punishment to be imposed by the Board for suppression of any fact or any wrong information if detected any time before, during or after the examination.

**Date..............................................** **Signature of the Candidate**

# BOARD OF SECONDARY EDUCATION, ODISHA

BAJRAKABATI ROAD, KATAKA – 753001

## APPLICATION FORM FOR ADMISSION INTO CORRESPONDENCE COURSE FOR THE SESSION 20..................- 20.................

**FOR OFFICE USE ONLY**

**(Enrolment No..............................................)**

i. Money Receipt/ Pay-in-Slip for Rs...........................
ii. Original S.L.C./T.C
iii. Certified Photo Copy of S.L.C. /T.C.
iv. Certified Photo Copy of Board's Mark Sheet (for H.S.C. Exam failed candidates).
v. Six Passport size self attested photographs.
vi. Enrolment form & examination form duly filled in.
vii. S.C./S.T. Certificate, (if any) :
viii. Physically Handicapped certificate, (if any) :
ix. Three self addressed Unstamped envelopes.

**ADMITTED**

**Asst. in-Charge** **Section Officer** **Dy. Secretary**

**THE CANDIDATE SHOULD PASTE HIS/ HER RECENT PASSPORT SIZE PHOTOGRAPH SIGNED ON THE FRONT SIDE**

**PHOTO SHALL NOT BE STAPLED/ PINNED**

**Full Signature of the Candidate**

01. Name (In Capital Letter)..................................................................................

02. Date of Birth as given in the S.L.C./T.C. (in figures)..................................................

(in words).....................................................................................................

03. Sex : [Put a tick mark (✓) In the appropriate box] Male ☐ Female ☐ Others ☐

04. Mother's Name (In Capital Letter) :..........................................................

05. Father's Name (In Capital Letter) :..........................................................

06. Category : [Put a tick mark (✓) In the appropriate box] General ☐ S.C. ☐ S.T. ☐ OBC/SEBC ☐

(Attach certificate from competent authority in case of S.C./ S.T.)

07. Whether a student of an institution managed by any Social Welfare Organisation Yes ☐ No ☐

If yes, then Name and Address of that Organisation :

(The SLC/TC must be countersigned by the competent authority of that Organisation)

08. Whether Physically Handicapped ? Put a tick mark (✓) in the appropriate box] Yes ☐ No ☐

09. Type of Physically Handicapped :..........................................................

10. Helper Writer required Yes ☐ No ☐

11. Present Postal Address for Correspondence (In Capital Letter) ..........

Name..........

C/O, (if any)..........

Village.......... P.O.......... Via.......... Location..........

Block/ULB.......... District.......... Pin..........

12. Permanent Address

Village/Locality.......... P.O..........

Block/ ULB.......... Sub-division.......... District..........

Pin code..........

N.B. : This address is very important and should be given correctly as enrolment will be made on the basis of this address.

13. Mobile Number :.......... Parent's Mobile No. :..........

14. Email Id :.......... Parent's Email Id :..........

Whether appeared and failed at any previous H.S.C. Examination. ? Yes [ ] No [ ]

Put a tick (✓) in the appropriate box

If yes, (a) Roll No.......... (b) Examination with year..........

[attach a Xerox copy of the mark-sheet issued by the Board]

15. Subject to be offered

IMPORTANT: In order to choose language subjects please fill up (i), (ii) & (iii) below, Read carefully instructions downloading from the website.

(i) First Language (Choose any one of the following subjects by putting a tick (✓) in the appropriate box.)

Odia [ ] Alternative English [ ] Bengali [ ] Hindi [ ] Telugu [ ] Urdu [ ]

(ii) Second Language (Choose any one of the following subjects by putting a tick (✓) in the appropriate box.)

English [ ] Hindi [ ] SEP [ ]

(iii) Third Language (Choose any one of the following subjects by putting a tick (✓) in the appropriate box.)

Hindi [ ] Odia [ ] Sanskrit [ ] Persian [ ] Visual Arts [ ]

16. Particulars of Admission Fees deposited.

a) Amount Rs..........(in words)

Rupees..........

b) Pay-in-slip/ Journal/ Money Receipt

No..........Date..........

c) Name of the issuing Bank and Branch..........

17. Particulars of S.L.C./ T.C. submitted

a) S.L.C./T.C. No..........Date..........

b) Name of the School with address, who issued the S.L.C/T.C..........

..........

***Certified that the particulars given above are true to the best of my knowledge.***

***Countersigned***

Headmaster/ Headmistress of any Recognised High School/ Gazetted Officer of the locality

Full Signature of the Candidate

date..........

UK-17

## PAY IN SLIP
## CANDIDATE COPY

**Challan No.............................. Date...................**

**STATE BANK OF INDIA**
Deposited at SBI
For Credit of
**BOARD OF SECONDARY EDUCATION, ODISHA, CUTTACK**
(Fee Collection A/C)

**A/C No.:** | 3 | 7 | 5 | 2 | 6 | 8 | 0 | 4 | 5 | 2 | 5 |

Fee : Rs.________________
Bank Charges : Rs.________________
Total Charges : Rs.________________
**BANK RECEIPT SEAL**

**Class/ Course – Correspondence Course**
**Fee Category – D**
(Total amount to be deposited in B.S.E. Account, Bank Branches need not recover bank charges separately.)

**Journal No. (To be filled by Branch) –**
**Name of the Candidate :**
**District Code :**

| | | | |
|---|---|---|---|
| | | | |

Fee for filling up of application forms for Correspondence Course HSC Examination................

***Full Signature of the Candidate***

## PAY IN SLIP
## BOARD COPY

**Challan No.............................. Date...................**

**STATE BANK OF INDIA**
Deposited at SBI
For Credit of
**BOARD OF SECONDARY EDUCATION, ODISHA, CUTTACK**
(Fee Collection A/C)

**A/C No.** | 3 | 7 | 5 | 2 | 6 | 8 | 0 | 4 | 5 | 2 | 5 |

Fee : Rs.________________
Bank Charges : Rs.________________
Total Charges : Rs.________________
**BANK RECEIPT SEAL**

**Class/ Course – Correspondence Course**
**Fee Category – D**
(Total amount to be deposited in B.S.E. Account, Bank Branches need not recover bank charges separately.)

**Journal No. (To be filled by Branch) –**
**Name of the Candidate :**
**District Code :**

| | | | |
|---|---|---|---|
| | | | |

Fee for filling up of application forms for Correspondence Course HSC Examination................

***Full Signature of the Candidate***

## PAY IN SLIP
## BANK COPY

**Challan No.............................. Date...................**

**STATE BANK OF INDIA**
Deposited at SBI
For Credit of
**BOARD OF SECONDARY EDUCATION, ODISHA, CUTTACK**
(Fee Collection A/C)

**A/C No.** | 3 | 7 | 5 | 2 | 6 | 8 | 0 | 4 | 5 | 2 | 5 |

Fee : Rs.________________
Bank Charges : Rs.________________
Total Charges : Rs.________________
**BANK RECEIPT SEAL**

**Class/ Course – Correspondence Course**
**Fee Category – D**
(Total amount to be deposited in B.S.E. Account, Bank Branches need not recover bank charges separately.)

**Journal No. (To be filled by Branch) –**
**Name of the Candidate :**
**District Code :**

| | | | |
|---|---|---|---|
| | | | |

Fee for filling up of application forms for Correspondence Course HSC Examination................

***Full Signature of the Candidate***

# ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା

# Board of Secondary Education, Odisha

# ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମ

୨୦୨୬ – ୨୭ ଶିକ୍ଷାବର୍ଷ ପାଇଁ ନିୟମାବଳୀ ଏବଂ ସାଧାରଣ ସୂଚନା

# CORRESPONDENCE COURSE

**(Instruction for the Academic Session 2026 -2027)**

ନାମଲେଖା ଫର୍ମ ଓ ପରୀକ୍ଷା ଫର୍ମ ପୂରଣ, ନାମଲେଖା ଓ ପରୀକ୍ଷା ଫିସ ଏବଂ ଆବଶ୍ୟକ କାଗଜପତ୍ର ଦାଖଲ କରିବା ସମ୍ବନ୍ଧୀୟ ସୂଚନା :

୧. ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମରେ ନାମ ଲେଖାଇବାକୁ ଇଚ୍ଛୁକ ପ୍ରାର୍ଥୀ, ନାମଲେଖା ସମ୍ପର୍କିତ ନିୟମାବଳୀ, ଫିସ ଦାଖଲର Pay-in-slip ଏବଂ ନାମଲେଖା ଓ ପରୀକ୍ଷା ଫର୍ମ ଇତ୍ୟାଦି ପରିଷଦର website- www.bseodisha.ac.in/www.bseodisha.nic.in ରୁ download କରି ଆବଶ୍ୟକୀୟ କାଗଜପତ୍ର ସହ ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦାଖଲ କରିବେ । କିନ୍ତୁ ଓଡିଶା ରାଜ୍ୟ ବାହାରେ କୌଣସି ବିଦ୍ୟାଳୟରୁ SLC/TC ଆଣି ନାମ ଲେଖାଇବାକୁ ଚାହୁଁଥିବା ପ୍ରାର୍ଥୀମାନଙ୍କୁ କେବଳ କଟକସ୍ଥିତ Central Zone Office ରେ ନାମ ଲେଖାଇବାର ସୁଯୋଗ ଦିଆଯିବ ।

୨. ପ୍ରାର୍ଥୀ ନିଜେ ସମ୍ପୂର୍ଣ୍ଣ ନିର୍ଭୁଲ ତଥ୍ୟ ଦ୍ୱାରା ନାମଲେଖା ଫର୍ମ ଓ ପରୀକ୍ଷା ଫର୍ମ ପୂରଣ କରି ଦସ୍ତଖତ ପାଇଁ ଚିହ୍ନିତ ସ୍ଥାନରେ ପୁରା ଦସ୍ତଖତ କରିବେ । ଅସମ୍ପୂର୍ଣ୍ଣ ଦରଖାସ୍ତ ନାକଚ କରିଦିଆଯିବ ।

**୩. ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମର ବିଷୟ :**

ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମରେ ନାମ ଲେଖାଉଥିବା ପ୍ରାର୍ଥୀମାନଙ୍କୁ ନିମ୍ନଲିଖିତ ବିଷୟମାନ ପଢି ପରୀକ୍ଷା ଦେବାକୁ ହେବ । ଯେହେତୁ Language ବିଷୟ ଗୁଡିକରେ ଗୋଟିଏ ଲେଖାଏ ବିଷୟ ବାଛିବାକୁ ପଡିବ, ତେଣୁ ନାମଲେଖା ଫର୍ମ ଓ ପରୀକ୍ଷା ଫର୍ମରେ ଏହା ପୂରଣ କରିବାପାଇଁ ନିମ୍ନୋକ୍ତ ବିଷୟଗୁଡ଼ିକୁ ଭଲ ଭାବରେ ଦୃଷ୍ଟି ଦେବାକୁ ପଡିବ । କାରଣ ଏହି ଦୁଇଟି ଫର୍ମରେ ପୂରଣ କରିଥିବା ବିଷୟ ବଦଳାଇବା ପାଇଁ ପରେ ଅନୁମତି ଦିଆଯିବ ନାହିଁ ।

(i) **1st Language** (100 Marks)

Any one of the following

Odia/ Hindi/ Telugu/ Bengali/ Urdu/ Alternative English

(ii) **2nd Language** (100 Marks)

Any one of the following

English/ Hindi/ SEP

(a) English for those who do not offer Alternative English as their First Language.

(b) Hindi for those who offer Alternative English as their First Language.

(c) SEP (Environment & Population Education) for the visually, hearing and speech impaired students only.

(iii) **3rd Language** (100 Marks)

Any one of the following

Hindi/ Sanskrit/ Persian/ Odia/ Visual Arts

(a) Hindi or Sanskrit for those who offer Odia as their First Language.

(b) Hindi or Sanskrit or Odia for those who offer Bengali or Telugu as their First Language.

(c) Hindi or Persian or Odia for those who offer Urdu as their First language.

(d) Sanskrit or Odia for those who offer Hindi as their First Language.

(e) Persian or Odia or Sanskrit for those who offer Alternative English as their First Language.

(f) Visual Arts for the visually, hearing and speech impaired students only.

(iv) **Mathematics** (100 Marks)

(v) **Science** (100 Marks)

Physical Science (SCP)-50 Marks

Life Science (SCL)-50 Marks

(vi) **Social Science** (100 Marks)

History & Political Science (SSH) – 50 Marks

Geography & Economics (SSG) – 50 Marks

**୪. ନାମଲେଖା ଓ ପରୀକ୍ଷା ଫର୍ମ ଦାଖଲର ଧାର୍ଯ୍ୟ ତାରିଖ ଏବଂ ନାମଲେଖା ଓ ପରୀକ୍ଷା ଫିସ୍‌ର ପରିମାଣ ।**

| ଧାର୍ଯ୍ୟ ତାରିଖ | ନାମଲେଖା ଫିସ୍ | ପରୀକ୍ଷା ଫିସ୍ | ଜୋରିମାନା | ମୋଟ |
|---|---|---|---|---|
| ତା ୨୦.୦୭.୨୦୨୬ ରୁ ତା ୩୧ .୦୮.୨୦୨୬ (ବିନା ଜୋରିମାନାରେ) | ଟ୩୧୦୫.୦୦ଙ୍କା | ଟ୪୨୦.୦୦ଙ୍କା | ---- | ଟ୩୫୨୫.୦୦ଙ୍କା |
| ତା ୦୧.୦୯.୨୦୨୬ ରୁ ତା ୩୦ .୦୯.୨୦୨୬ (ଟ୫୦୦.୦୦/-ଙ୍କା ଜୋରିମାନାରେ) | ଟ୩୧୦୫.୦୦ଙ୍କା | ଟ୪୨୦.୦୦ଙ୍କା | ଟ୫୦୦.୦୦ଙ୍କା | ଟ୪୦୨୫.୦୦ଙ୍କା |
| ତା ୦୧ .୧୦.୨୦୨୬ ରୁ ତା ୩୧ .୧୦.୨୦୨୬ | ଟ୩୧୦୫.୦୦ଙ୍କା | ଟ୪୨୦.୦୦ଙ୍କା | ଟ୧,୦୦୦.୦୦ଙ୍କା | ଟ୪୫୨୫.୦୦ଙ୍କା |

(ଟ୧,୦୦୦.୦୦/-ଙ୍କା ଜୋରିମାନାରେ)

ଅନ୍ଧ, ମୁକ ଓ ବଧିର ତଥା ଭିନ୍ନକ୍ଷମ (CWSN) ଛାତ୍ରଛାତ୍ରୀ ଓ ରାଜ୍ୟ ସମାଜ ବୋର୍ଡ ଦ୍ୱାରା ପରିଚାଳିତ ସଂକ୍ଷିପ୍ତ ପାଠ୍ୟକ୍ରମରେ ପଢ଼ିଥିବା ପ୍ରାର୍ଥୀମାନେ ୧୫୦୦ଟଙ୍କା ହାରରେ ନାମଲେଖା ଓ ପରୀକ୍ଷା ଫିସ୍ ଜମା କରି ନାମ ଲେଖାଇ ପାରିବେ । ସେମାନଙ୍କୁ ଜୋରିମାନା ତାରିଖରେ ଧାର୍ଯ୍ୟ ଜୋରିମାନା ଦେବାକୁ ପଡିବନାହିଁ ।

ନାମଲେଖା ଫିସ୍ ଯେ କୌଣସି S.B.I(State Bank of India) ଶାଖାରେ Pay-in-slip କିମ୍ବା ପରିଷଦର ଶାଖା କାର୍ଯ୍ୟାଳୟରେ Cash deposit ମାଧମରେ ଦାଖଲ କରାଯିବ । ଏହି Pay-in-slip ଟି ପରିଷଦ website ରେ ଉପଲବ୍ଧ । ପ୍ରାର୍ଥୀ ଦାଖଲ କରିଥିବା ନାମଲେଖା ଓ ପରୀକ୍ଷା ଫିସ୍ କୌଣସି ପରିସ୍ଥିତିରେ ଫେରସ୍ତ କିମ୍ବା ଅନ୍ୟ କେଉଁ ଉଦ୍ଦେଶ୍ୟରେ ବ୍ୟବସ୍ଥିତ (Adjust) କରାଯିବ ନାହିଁ ।

**୫. ନାମଲେଖା ଓ ପରୀକ୍ଷା ଫର୍ମ ସହ କେଉଁସବୁ କାଗଜପତ୍ର (Documents) ଦାଖଲ କରାଯିବ ।**

(କ) ନାମଲେଖା ଓ ପରୀକ୍ଷା ଫିସ୍ ବାବଦକୁ ଜମା କରିଥିବା Pay-in-slip ବା ରସିଦ ।

(ଖ) ପ୍ରାର୍ଥୀ ସର୍ବଶେଷରେ ଯେଉଁ ଅନୁଷ୍ଠାନରେ ପଢ଼ିଛନ୍ତି (Educational Institution last attended by the candidate) ସେହି ଶିକ୍ଷାନୁଷ୍ଠାନରୁ ଆଣିଥିବା ତାଙ୍କର ମୂଳ (Original) SLC (School Leaving Certificate) କିମ୍ବା CLC(Course Leaving Certificate) କିମ୍ବା TC (Transfer Certificate) ଦାଖଲ କରିବେ । ଏହି SLC/TC/CLC ପଛପାଖେ "Submitted by me to B.S.E Odisha" ଲେଖି ପ୍ରାର୍ଥୀ ପୁରା ଦସ୍ତଖତ କରି ତାରିଖ ଦେବେ।

**ବିଶେଷ ଦ୍ରଷ୍ଟବ୍ୟ :**

(i) ଯେ କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ (ଓଡ଼ିଆ ମାଧ୍ୟମ/ ଇଂରାଜୀ ମାଧ୍ୟମ)ରୁ ଆଣିଥିବା SLC/TC କୁ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (DEO) କିମ୍ବା ଗୋଷ୍ଠୀ ଶିକ୍ଷା ଅଧିକାରୀ (BEO) ଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ (Countersigned) ହୋଇଥିବା ଆବଶ୍ୟକ ।

(ii) ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଦ୍ୱାରା ପରିଚାଳିତ ସଂକ୍ଷିପ୍ତ ପାଠ୍ୟକ୍ରମରେ ଅଧ୍ୟୟନ କରି ପାସ କରିଥିବା ପ୍ରାର୍ଥୀଙ୍କ SLC/TC ସେହି ବୋର୍ଡର ସେକ୍ରେଟାରୀଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ (Countersigned) ହୋଇଥିବା ଆବଶ୍ୟକ।

(iii) ଓଡିଶା ବାହାରର କୌଣସି ଶିକ୍ଷାନୁଷ୍ଠାନରୁ ଅଣାଯାଇଥିବା SLC/TC ସମ୍ପୃକ୍ତ ରାଜ୍ୟ ତଥା ଅଞ୍ଚଳର DEO କିମ୍ବା BEO ଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ (Countersigned) ହୋଇଥିବା ଆବଶ୍ୟକ ।

(iv) ପ୍ରାର୍ଥୀ ଦାଖଲ କରୁଥିବା SLC/TC/CLC ର ଅନ୍ୟ ଦୁଇଟି Photo Copy ନିଜ ପାଖରେ ସାଇତି ରଖିବେ । ସେଥିରୁ ଗୋଟିଏ HSC Original Pass Certificate ନେବାପାଇଁ ଦରଖାସ୍ତ କରିବା ବେଳେ ଦାଖଲ କରିବେ ।

(v) ପ୍ରାର୍ଥୀ ଦାଖଲ କରୁଥିବା SLC/TC/CLC ର ଗୋଟିଏ Certified Photo Copy ଜମା ଦେବେ । ଅର୍ଥାତ୍ SLC/TC/CLC ର ଗୋଟିଏ Photo Copy କୁ ତନଖି କରି ତା ତଳେ True copy Certified ଲେଖି ପ୍ରାର୍ଥୀ ନିଜେ ପୁରା ଦସ୍ତଖତ କରି ଓ ତାରିଖ ଦେଇ ଦାଖଲ କରିବେ ।

(vi) ପୂର୍ବରୁ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇନପାରି ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିବା ପ୍ରାର୍ଥୀ ତାଙ୍କ ଶେଷ ହାଇସ୍କୁଲ ପରୀକ୍ଷା Mark-sheet ର Certified photo copy ମୂଳ T.C ସହ ଦାଖଲ କରିବେ ।

(vii) ପ୍ରାର୍ଥୀଙ୍କର ସଦ୍ୟ ଉଠାଯାଇଥିବା ପାସପୋର୍ଟ ସାଇଜ (Passport Size) ର ଚାରୋଟି ଫଟୋଗ୍ରାଫ ଦେବାକୁ ହେବ । ଏହି ଫଟୋ ଚାରୋଟିର ସମ୍ମୁଖ ପାଖେ ପ୍ରାର୍ଥୀ ପୁରା ଦସ୍ତଖତ କରିବେ । ଏ ଚାରୋଟି ଫଟୋ ରୁ ଗୋଟାଏ ଲେଖାଏଁ ନାମଲେଖା ଫର୍ମ ଓ ପରୀକ୍ଷା ଫର୍ମର ଚିହ୍ନିତ ସ୍ଥାନରେ ଅଠା ଦ୍ୱାରା ଲଗାଯିବ ଓ ଅନ୍ୟ ଦୁଇଟି ଫର୍ମ ସହ ଗୁଛି ଦାଖଲ କରାଯିବ ।

(viii) ପତ୍ରାଳାପ ପାଇଁ ପରିଷ୍କାର ଭାବେ ପ୍ରାର୍ଥୀଙ୍କର ବର୍ତ୍ତମାନର ସମ୍ପୂର୍ଣ୍ଣ ଠିକଣା ଲେଖାଥାଇ 9" x 4" ମାପର ତିନୋଟି ଲଫାପା ଫର୍ମ ସହ ଯୋଡି ଦାଖଲ କରିବେ ।

(ix) ଅନୁସୂଚିତ ଜାତି (Scheduled Caste) କିମ୍ବା ଅନୁସୂଚିତ ଉପଜାତି (Scheduled Tribe) ପ୍ରାର୍ଥୀ, କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଆଣିଥିବା ତାଙ୍କର ଜାତିଗତ ପ୍ରମାଣପତ୍ର (Caste Certificate) ର Photo Copy ଦାଖଲ କରିବେ । ସେଥିରେ Submitted by me ଲେଖି ପୁରା ଦସ୍ତଖତ କରିବେ ।

(x) ପ୍ରାର୍ଥୀ ଶାରୀରିକ ଦିବ୍ୟାଙ୍ଗ (Physically Handicapped), ଦୃଷ୍ଟିହୀନ କିମ୍ବା ମୂକବଧିର ହୋଇଥିଲେ ସେ ସମ୍ବନ୍ଧରେ ମେଡିକାଲ ବୋର୍ଡ ଦ୍ୱାରା ପ୍ରଦତ୍ତ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ (Countersigned) ଫଟୋ ସଂଲଗ୍ନ ଥାଇ ଆଣିଥିବା ପ୍ରମାଣ ପତ୍ର (Certificate) ର Photo copy ନାମଲେଖା ଫର୍ମ ସହିତ ଦେବେ । ସେଥିରେ Submitted by me ଲେଖି ପୁରା ଦସ୍ତଖତ କରିବେ ।

**୬. ନାମଲେଖା ଫର୍ମ ଓ ଅନ୍ୟାନ୍ୟ କାଗଜପତ୍ର କେଉଁଠି ଦାଖଲ କରିବାକୁ ହେବ ?**

ପୂରଣ କରାଯାଇଥିବା ନାମଲେଖା ଫର୍ମ, ପରୀକ୍ଷା ଫର୍ମ, Pay-in-slip/ ରସିଦ ଓ ଅନ୍ୟାନ୍ୟ କାଗଜପତ୍ର (Documents) ସହ ରେଜେଷ୍ଟ୍ରି ଡାକ (Registered Post) ଯୋଗେ ନିଜ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ପରିଷଦର ଆଞ୍ଚଳିକ କାର୍ଯ୍ୟାଳୟ କୁ ପଠାଇବାକୁ ହେବ, ଯେପରିକି ତାହା ଧାର୍ଯ୍ୟ ତାରିଖ ମଧ୍ୟରେ ମିଳିପାରିବ । ଯେଉଁ ଲଫାପାରେ ପୂରଣ କରାଯାଇଥିବା ନାମଲେଖା ଫର୍ମ ଆଦି ପଠାଯିବ, ତା ଉପରେ ବଡ ଅକ୍ଷର (Capital letter) ରେ APPLICATION FOR ADMISSION INTO CORRESPONDENCE COURSE 2026 - 2027 ଲେଖିବାକୁ ହେବ ।

କିମ୍ବା

ପୂରଣ ହୋଇଥିବା ନାମଲେଖା ଓ ପରୀକ୍ଷା ଫର୍ମ ଆଦି ନିଜେ ବା ଅଭିଭାବକଙ୍କ ମାଧ୍ୟମରେ Board of Secondary Education, Odisha ର ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟ (Zone Office) ରେ ଧାର୍ଯ୍ୟ ତାରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସର ଅଫିସ ସମୟ ମଧ୍ୟରେ ଦାଖଲ କରି ପାରିବେ । ଜଣେ ଅଭିଭାବକ କେବଳ ଜଣେ ପ୍ରାର୍ଥୀଙ୍କର ଫର୍ମ ଦାଖଲ କରିପାରିବେ ।

ଧାର୍ଯ୍ୟ ତାରିଖ ପରେ ନାମଲେଖା ପାଇଁ ଦରଖାସ୍ତ ମିଳିଲେ ତାହା ନାକଚ କରି ଦିଆଯିବ ।

**୭. ଜାଲ କାଗଜପତ୍ର କିମ୍ବା ଭୁଲ ତଥ୍ୟ ପାଇଁ ବିଶେଷ ଚେତାବନୀ ।**

ପ୍ରାର୍ଥୀ ଜାଲ SLC/TC କିମ୍ବା ଅନ୍ୟ କୌଣସି ଜାଲ କାଗଜପତ୍ର (Fake Documents) ଦାଖଲ କରିଥିଲେ କିମ୍ବା ଲେଖିଥିବା କୌଣସି ତଥ୍ୟ ମିଥ୍ୟା ଜଣାପଡିଲେ କିମ୍ବା ଯେକୌଣସି ଆବଶ୍ୟକ ତଥ୍ୟ ନ ଜଣାଇ ଲୁଚାଇଥିବା ଜଣାପଡିଲେ, ପରିଷଦର ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମରୁ ତାଙ୍କ ନାମଲେଖା ରଦ୍ଦ କରିଦିଆଯିବ, ଜମା କରିଥିବା ନାମଲେଖା ଅର୍ଥ ବାଜ୍ୟାପ୍ତ ହେବ ଓ ପରିଷଦ କର୍ତ୍ତୃପକ୍ଷଙ୍କର ନିଷ୍ପତ୍ତି ଅନୁଯାୟୀ ତାଙ୍କ ବିରୋଧରେ ଅନ୍ୟାନ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମ ସମ୍ପର୍କିତ ସାଧାରଣ ସୂଚନା

**୧. ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମରେ କେଉଁମାନେ ନାମ ଲେଖାଇପାରିବେ ?**

ନିମ୍ନସ୍ଥ (କ), (ଖ) ଓ (ଗ) ରେ ଉଲ୍ଲେଖ ଥିବା ସମସ୍ତ ପ୍ରକାର ପ୍ରାର୍ଥୀ ସପ୍ତମ ଶ୍ରେଣୀ ପାସ୍ କରିବାର ଦୁଇବର୍ଷ ପରେ କିମ୍ବା ଅଷ୍ଟମଶ୍ରେଣୀ ପାସ୍ କରିବାର ଏକ ବର୍ଷ ପରେ ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମରେ ନାମ ଲେଖାଇପାରିବେ ।

(କ) କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ କିମ୍ବା ଅଣ ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର କିମ୍ବା ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଦ୍ୱାରା ପରିଚାଳିତ ସଂକ୍ଷିପ୍ତ ପାଠ୍ୟକ୍ରମରେ ଅଧ୍ୟୟନ କରି ଅନ୍ୟୁନ ସପ୍ତମ ଶ୍ରେଣୀ ପାସ୍ କରିଥିବା ପ୍ରାର୍ଥୀ ।

(ଖ) ଓଡିଶା ରାଜ୍ୟ ବାହାରେ ଥିବା କୌଣସି ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟରୁ ଅନ୍ୟୁନ ସପ୍ତମ ଶ୍ରେଣୀ ପାସ୍ କରିଥିବା ପ୍ରାର୍ଥୀ ।

(ଗ) ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଓଡିଶା କିମ୍ବା ମାଧମିକ ଶିକ୍ଷା ନିର୍ଦ୍ଦେଶକ, ଓଡିଶାଙ୍କ ଠାରୁ NOC (No Objection Certificate) ପାଇଥିବା କୌଣସି ଇଂରାଜୀ ମାଧମ ବିଦ୍ୟାଳୟ ରୁ ଅନ୍ୟୁନ ସପ୍ତମ ଶ୍ରେଣୀ (Seventh Class/ Standard ) ପାସ୍ କରିଥିବା ପ୍ରାର୍ଥୀ ।

(ଘ) ପ୍ରାର୍ଥୀ କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରୁ ଅନ୍ୟୁନ ସପ୍ତମ ବା ତଦୁର୍ଦ୍ଧଶ୍ରେଣୀ ପାସ୍ କରି ଘରୋଇ ଭାବରେ ପାଠପଢି ପତ୍ର ମାଧମ ପାଠ୍ୟକ୍ରମରେ ମାଟ୍ରିକ ପରୀକ୍ଷା ଦେବାପାଇଁ ଇଚ୍ଛୁକ ଥିଲେ ନାମ ଲେଖାଇପାରିବେ । କିନ୍ତୁ ମାଟ୍ରିକ ପରୀକ୍ଷା ଦେଉଥିବା ବର୍ଷର ଫେବୃଆରୀ ମାସ ଏକ ତାରିଖ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ୧୪ବର୍ଷ ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ। ଜନ୍ମ ତାରିଖ ସମ୍ପର୍କିତ ପ୍ରମାଣପତ୍ର ଦାଖଲ କରିବାକୁହେବ । ପିତା, ମାତା, ଅଭିଭାବକ, ଘରୋଇ ଶିକ୍ଷକଙ୍କ ଦ୍ୱାରା ସେ ମାଟ୍ରିକ ଦେବାପାଇଁ ଯୋଗ୍ୟ ବୋଲି ଅଙ୍ଗୀକାର ପତ୍ର ଦାଖଲ କରିବେ । ଏତଦ୍‌ବ୍ୟତିତ ନିମ୍ନୋକ୍ତ ପ୍ରାର୍ଥୀ ଏହି ପାଠ୍ୟକ୍ରମ ପାଇଁ ବିବେଚିତ ହୋଇପାରିବେ ।

(i) କୌଣସି ସ୍ୱୀକୃତିପ୍ରାପ୍ତ ହାଇସ୍କୁଲ ରେ ଦଶମ ଶ୍ରେଣୀ ପଢି, ଟେଷ୍ଟ (Test) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମ୍ପୃକ୍ତ ଶିକ୍ଷାବର୍ଷର ବାର୍ଷିକ ବା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଫର୍ମ ପୂରଣ କରିପାରିନଥିବା ପ୍ରାର୍ଥୀ ।

(ii) ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇ ଅକୃତକାର୍ଯ୍ୟ ହୋଇଥିବା ଛାତ୍ର / ଛାତ୍ରୀ ।

(iii) କୌଣସି ଶିକ୍ଷାବର୍ଷରେ ପରିଷଦର ପତ୍ରମାଧମ ଶିକ୍ଷା ପାଠ୍ୟକ୍ରମରେ ନାମଲେଖାଇ ସେହି ଶିକ୍ଷାବର୍ଷର ବାର୍ଷିକ କିମ୍ବା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଫର୍ମ ପୂରଣ କରିନଥିବା ପ୍ରାର୍ଥୀ ।

୨୦୧୫ମସିହାରେ ରେଗୁଲାର ପରୀକ୍ଷାର୍ଥୀ ଏବଂ ତା'ପର ସମସ୍ତ ପରୀକ୍ଷାର ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଥିଲେ, ସେମାନେ ସେମାନଙ୍କର ସ୍କୁଲ ମାଧମରେ Ex-Regular ହିସାବରେ ପରୀକ୍ଷା ଦେଇପାରିବେ । କିନ୍ତୁ ଏହି ପରୀକ୍ଷାର୍ଥୀମାନେ ଯଦି ଇଚ୍ଛା କରନ୍ତି, ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପତ୍ରମାଧମ ଶିକ୍ଷା ମାଧମରେ ନିଜ ନାମ ପଞ୍ଜୀକୃତ କରି ରେଗୁଲାର ପରୀକ୍ଷାର୍ଥୀ ଭାବରେ ପରୀକ୍ଷା ଦେଇପାରିବେ ।

**୨. ପତ୍ରମାଧମ ଶିକ୍ଷା ପାଠ୍ୟକ୍ରମର ଅବଧି :**

ମାଧମିକ ଶିକ୍ଷା ପରିଷଦ, ଓଡିଶା ଦ୍ୱାରା ପରିଚାଳିତ ପାତ୍ର ମାଧମ ଶିକ୍ଷା ପାଠ୍ୟକ୍ରମ, ପରିଷଦର ପ୍ରଚଳିତ ସିଲାବସ ଉପରେ ପର୍ଯ୍ୟବେସିତ ଏବଂ ଏହାର ଅବଧି ଏକ ଶିକ୍ଷାବର୍ଷ ଅଟେ ।

୩. ଏହି ପାଠ୍ୟକ୍ରମ ମାଧମରେ ପ୍ରାର୍ଥୀମାନଙ୍କ ପାଇଁ 1st Language Bengali, Telugu, Alternative English, 2nd Language Hindi ଏବଂ 3rd Language Persian ବ୍ୟତୀତ ଅନ୍ୟ ସମସ୍ତ ବିଷୟ ପାଇଁ ଉଦ୍ଦିଷ୍ଟ ପାଠ୍ୟପୁସ୍ତକ ବିନା ମୂଲ୍ୟରେ ବୋର୍ଡ ତରଫରୁ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା ଅଛି । ପ୍ରାର୍ଥୀମାନଙ୍କ ନାମଲେଖା ଫର୍ମ ଦାଖଲ କରିବା ଦିନ ହିଁ ପୁସ୍ତକ ସେଟ୍ ଯୋଗାଇ ଦିଆଯିବ ।

**୪. ସିଲାବସ**

ପ୍ରାର୍ଥୀ ଯେଉଁ ଶିକ୍ଷାବର୍ଷରେ ପତ୍ରମାଧମ ଶିକ୍ଷା ପାଠ୍ୟକ୍ରମରେ ନାମ ଲେଖାଇବେ ସେହି ଶିକ୍ଷାବର୍ଷର ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଉଦ୍ଦିଷ୍ଟ ସିଲାବସ ତାଙ୍କ ପାଇଁ ଲାଗୁ ହେବ । ଏହି ସିଲାବସ ମାଧମିକ ଶିକ୍ଷାବୋର୍ଡ ଦ୍ୱାରା ପ୍ରକାଶ କରାଯାଏ ଏବଂ ଏହାକୁ ଦୃଷ୍ଟିରେ ରଖି ପ୍ରାର୍ଥୀ ପରିଷଦ ଦ୍ୱାରା ଯୋଗାଇ ଦିଆଯାଇଥିବା ପାଠ୍ୟପୁସ୍ତକ ସଂଗ୍ରହ କରିପାରିବେ ।

**୫. ପ୍ରାର୍ଥୀଙ୍କର ନାମ ଲେଖା କେଉଁଠାରେ ହେବ ?**

ନାମଲେଖା ଫର୍ମରେ ଉଲ୍ଲେଖ କରିଥିବା ବର୍ତ୍ତମାନର ଠିକଣା (Present Address) ଅନୁଯାୟୀ ମାଧମିକ ଶିକ୍ଷା ପରିଷଦର ଯେଉଁ ଆଞ୍ଚଳିକ କାର୍ଯ୍ୟାଳୟ (Zonal Office) ର ଇଲାକା (Jurisdiction) ରେ ପ୍ରାର୍ଥୀ ରହୁଥିବେ, ସେହି କାର୍ଯ୍ୟାଳୟରେ ତାଙ୍କର ନାମ ଲେଖାଯିବ । କିନ୍ତୁ ଓଡିଶା ବାହାରେ ଥିବା କୌଣସି ବିଦ୍ୟାଳୟରୁ SLC/ TC ଆଣି ନାମ ଲେଖାଇବାକୁ ଚାହୁଁଥିବା ପ୍ରାର୍ଥୀମାନଙ୍କୁ କେବଳ କଟକସ୍ଥିତ Central Zone Office ରେ ନାମ ଲେଖାଇବାର ସୁଯୋଗ ଦିଆଯିବ ।

ପ୍ରାର୍ଥୀ ନାମଲେଖା ପାଇଁ ମନୋନୀତ ହେବାପରେ ତାଙ୍କର କେଉଁ ଆଞ୍ଚଳିକ କାର୍ଯ୍ୟାଳୟରେ ନାମଲେଖା ହେବ ଓ ସେ ସମ୍ପର୍କିତ ଅନ୍ୟାନ୍ୟ ସୂଚନା ଜଣାଇ ଦିଆଯିବ । ନାମଲେଖା ପରେ ପ୍ରାର୍ଥୀ ନିଜ ନାମଲେଖା ହୋଇଥିବା ଆଞ୍ଚଳିକ କାର୍ଯ୍ୟାଳୟ ସହିତ ପତ୍ରମାଧମ ଶିକ୍ଷା ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ସମସ୍ତ କାର୍ଯ୍ୟକ୍ରମ ତଥା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେବା ସମ୍ବନ୍ଧୀୟ ସମସ୍ତ ବିଷୟରେ ଯୋଗାଯୋଗ ରଖିବେ ।

୬. ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ Ex-Regular ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଦରଖାସ୍ତ ।

ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମ ମାଧ୍ୟମରେ ପଢି ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାଦେଇ ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କୁ ସ୍ୱତନ୍ତଭାବେ ନିର୍ଦ୍ଧାରିତ ସମୟରେ ପରୀକ୍ଷା ଫିସ୍ ଓ ଅନ୍ୟାନ୍ୟ କାଗଜପତ୍ର ସହ ଦରଖାସ୍ତ ଦାଖଲ କରିବାକୁ ହେବ । ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ତାରିଖ ଓ ଅନ୍ୟାନ୍ୟ ସୂଚନା ବିଭିନ୍ନ ସମ୍ବାଦପତ୍ର ମାଧ୍ୟମରେ ପରିଷଦ ତରଫରୁ ଘୋଷଣା କରାଯିବ । ଏହା ମଧ୍ୟ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା website : www.bseodisha.ac.in/www.bseodisha.nic.in ରେ ଉପଲବ୍ଧ ହେବ ।

ବିଶେଷ ସୂଚନା :

ଯେଉଁ ପ୍ରାର୍ଥୀ ପୂର୍ବରୁ ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମ ଜରିଆରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେବା ନିମନ୍ତେ ଫର୍ମ ପୂରଣ କରି ଫିସ ଦାଖଲ କରିଥିବେ କିନ୍ତୁ ପରୀକ୍ଷା ଦେଇନଥିବେ, ସେ ଇଚ୍ଛା କଲେ ଉକ୍ତ ପରୀକ୍ଷାର Intimation କିମ୍ବା Admit card ଦେଇ ପୁନର୍ବାର ଫର୍ମ ପୂରଣ ଓ ନିର୍ଦ୍ଧାରିତ ପରୀକ୍ଷା ଫିସ୍ ଦାଖଲକରି Ex-Regular ପ୍ରାର୍ଥୀ ଭାବରେ କିମ୍ବା renewal of admission ଓ Examination fee ବାବଦକୁ Rs. 1950/- ଦେଇ Regular ପ୍ରାର୍ଥୀ ହିସାବରେ ଚଳିତ ଶିକ୍ଷାବର୍ଷର ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇପାରିବେ ।

୭. ପ୍ରବେଶ ପତ୍ର (Admit card) ରେ ତ୍ରୁଟି ଲକ୍ଷ୍ୟକଲେ ପ୍ରାର୍ଥୀ କ'ଣ କରିବେ?

ପରୀକ୍ଷା ଦେବା ପାଇଁ ପ୍ରବେଶ ପତ୍ର (Admit card) ପାଇବା ମାତ୍ରେ ସେଥିରେ କୌଣସି ତ୍ରୁଟି ଥିଲେ ପରିଷଦର ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟ କୁ ସଂଶୋଧନ କରିବାପାଇଁ ଜଣାଇବେ ।

୮. Course Leaving Certificate ଏବଂ Original Pass Certificate ମିଳିବା ସମ୍ବନ୍ଧୀୟ ସୂଚନା :

ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ସେମାନଙ୍କର Admit Card ସମ୍ପୃକ୍ତ ଶାଖା କାର୍ଯ୍ୟାଳୟରେ ଦାଖଲ କରି CLC (Couse Leaving Certificate) ଏବଂ Original Pass Certificate ପାଇପାରିବେ ।

୯. ଅକୃତକାର୍ଯ୍ୟ ପ୍ରାର୍ଥୀଙ୍କୁ (Memorandum of Marks) ମିଳିବା ସମ୍ବନ୍ଧୀୟ ସୂଚନା :

ଅକୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ପରୀକ୍ଷାଫଳ ପ୍ରକାଶ ପାଇବାପରେ ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟ ରେ ତାଙ୍କ Admit Card ର Photo copy ସହିତ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି ନିଜର Memorandum of Marks ପାଇପାରିବେ ।

୧୦. ପ୍ରାର୍ଥୀମାନଙ୍କର ଯୋଗାଯୋଗ ବିବରଣୀ :

ପ୍ରାର୍ଥୀମାନେ ନିଜର ମୋବାଇଲ ନମ୍ବର, ଅଭିଭାବକଙ୍କ ମୋବାଇଲ ନମ୍ବର, Email ID ଓ ଅଭିଭାବକଙ୍କ Email ID, ବର୍ତ୍ତମାନର ଠିକଣା ନିଶ୍ଚିତ ଭାବେ ନାମଲେଖା ଫର୍ମରେ ଉଲ୍ଲେଖ କରିବେ, ଏଥିରେ କିଛି ପରିବର୍ତ୍ତନ କଲେ ନିଜର UIN ଓ ରୋଲ ନମ୍ବର ସହ ପରିଷଦର ସମ୍ପୃକ୍ତ ଶାଖା କାର୍ଯ୍ୟାଳୟରେ ଜଣାଇବେ ।